# ବସ୍‌କୁ ଧକ୍କାଦେଲା ଟ୍ରକ୍; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଯୋଡ଼ା, ୬।୬(ସମିସ):

କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ ଲହଣ୍ଡା ଓଭରବ୍ରିଜ ନିକଟରେ ବଡ଼ବିଲରୁ ତୁରୁମୁଙ୍ଗା ଯାଉଥିବା ବିଳାସିନୀ ନାମକ ଯାତ୍ରୀବାହୀ ବସକୁ ଶନିବାର ସକାଳ ପ୍ରାୟ ସାଢେ ୮ଟାରେ ଦ୍ରୁତ ଗତିରେ ଆସୁଥିବା ଏକ ଲୁହା ପଥର ବୋଝେଇ ଟ୍ରକ ଧକ୍କା ଦେଇଥିଲା। ଏହି ଧକ୍କାରେ ବସଟି ରାସ୍ତାରେ ବୁଲିପଡି ପ୍ରାୟ ୩୦ ଫୁଟ ତଳ ସୁନାନଦୀ ଗର୍ଭକୁ ଖସିବା ପରି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ରାଜପଥ ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼ରେ ଅଟକି ଯାଇଥିଲା। ଫଳରେ ବସରେ ଯାତ୍ରା କରୁଥିବା ୩୦ରୁ ଅଧିକ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ଦୁର୍ଘଟଣା ପରେ ସେଠାରେ ରାସ୍ତା ଅବରୋଧ ହୋଇ ଦୀର୍ଘ ସମୟ ଧରି ଜାମ ରହିଥିଲା। ୫୨୦ ଜାତୀୟ ରାଜପଥର ଯୋଡ଼ା ଅଞ୍ଚଳରେ ଗତ ମାସକ ମଧ୍ୟରେ ଏହା ତୃତୀୟ ଘଟଣା ବୋଲି ଜଣାପଡିଛି। ଯା'ଫଳରେ ରାଜରାସ୍ତାରେ କ୍ରମାଗତ



ଦୁର୍ଘଟଣା ବୃଦ୍ଧି ଏବଂ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ଆଶଙ୍କା ବଢ଼ିବାରେ ଲାଗିଛି।

ଗତ ମେ ୧୧ ତାରିଖ ଭୋର ସକାଳ ସମୟରେ ଭୁବନେଶ୍ୱରରୁ ଯୋଡ଼ା ଅଭିମୁଖେ ଯାଉଥିବା ଅନିମା ନାମକ ଏକ ରାତ୍ରିକାଳୀନ ଯାତ୍ରୀବାହୀ ବସକୁ ଏକ ଟ୍ରେଲର ଧକ୍କା ଦେବା ଫଳରେ ବସର ବାମ ଭାଗଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ବସରେ କେବଳ ୫/୬ ଜଣ ଯାତ୍ରୀ ଥିବାରୁ କାହାର କିଛିକ୍ଷତି ହୋଇ ନ ଥିଲା। ଖବର ପାଇ ଯୋଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରେଲରଟିକୁ ଜବତ କରିଥିଲା। ଗତ ମେ ୧୯ ତାରିଖ ମଧ୍ୟାହ୍ନ ସମୟରେ ଯୋଡ଼ା ଡିଏଭି ଛକ ନିକଟରେ ଯୋଡ଼ାରୁ ଝାଡ଼ଖଣ୍ଡ ପ୍ରଦେଶର ଚକ୍ରଧରପୁର ଅଭିମୁଖେ ଯାଉଥିବା ନିହାରିକା ନାମକ ଏକ ଯାତ୍ରୀବାହୀ ବସକୁ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ଟ୍ରକ ଧକ୍କା ଦେଇ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ହାଇୱାଟିକୁ ଅଟକ ରଖି ଯୋଡ଼ା ଥାନାକୁ ଖବର ଦେଇଥିଲେ। ସୌଭାଗ୍ୟ ବଶତଃ କୌଣସି ଯାତ୍ରୀଙ୍କ କିଛି କ୍ଷତି ହୋଇ ନ ଥିଲା। ତେବେ ୫୨୦ ନମ୍ବର ଜାତୀୟ ରାଜପଥ ଓ ଯୋଡ଼ା ଅଞ୍ଚଳରେ ବାରମ୍ବାର ଏପରି ଦୁର୍ଘଟଣା ଘଟୁଥିବା ବେଳେ ସାଧାରଣ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ୫୨୦ ଜାତୀୟ

### ଯାତ୍ରୀଙ୍କ ସୁରକ୍ଷା ଆଶଙ୍କା ବୃଦ୍ଧି

ରାଜପଥଟି ଉକ୍ତ ସ୍ଥାନରେ ସଂକୁଚିତ ଥିବା ନେଇ ବାରମ୍ବାର ଏମିତି ଦୁର୍ଘଟଣା ଘଟୁଥିବା ବେଳେ ବେପରୁଆ ଗାଡି ଚାଳନା ଓ ବେଆଇନ ପାର୍କିଂ ଏହାର ମୁଖ୍ୟ କାରଣ ବୋଲି ଦୀର୍ଘଦିନ ହେଲା ଅଭିଯୋଗ ହୋଇଆସୁଛି। ଏଥିସହିତ ନୋଏଣ୍ଟ୍ରି ସମୟରେ ମଧ୍ୟ କେତେକ ଗାଡି ମାଲିକ ଓ ଗାଡି ଚାଳକ ନୋଏଣ୍ଟ୍ରି ବ୍ୟବସ୍ଥାକୁ ନ ମାନିବା ଏହା ମଧ୍ୟ ଦୁର୍ଘଟଣାର ଅନ୍ୟ ଏକ କାରଣ ବୋଲି ସ୍ଥାନୀୟ ଅଞ୍ଚଳରେ ମତ ପ୍ରକାଶ ପାଉଛି। ତେଣୁ ପ୍ରଶାସନ ସେଥିପ୍ରତି ଦୃଷ୍ଟି ଦେବା ନିମନ୍ତେ ସାଧାରଣରେ ଦାବି ହେଉଛି।

### ଏନ୍‌ଜିଟି ନିର୍ଦ୍ଦେଶ ଉଲ୍ଲଙ୍ଘନ ଘଟଣା

# ଜେସିବି ମେସିନ୍ ଦ୍ୱାରା ଗଛ କଟା ଓ ପ୍ରମାଣ ନଷ୍ଟ ଅଭିଯୋଗ

ବାରିପଦା, ୬।୬(ସମିସ): ବାରିପଦାରେ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ପାଇଁ ଗଛ କଟା ମାମଲାରେ ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପୂର୍ବାଞ୍ଚଳ ବେଞ୍ଚ ସମ୍ମୁଖରେ ଚାଲିଥିବା ମାମଲା ମଧ୍ୟରେ ଜେସିବି ମେସିନ୍ ବ୍ୟବହାର କରି ଗଛ କଟା ଓ ପ୍ରମାଣ ନଷ୍ଟ କରାଯାଇଥିବା। ଅଭିଯୋଗ ଉଠିଛି। ଅଭିଯୋଗକାରୀ ପ୍ରମୋଦ କୁମାର ହେମ୍ବ୍ରମ ମୁଖ୍ୟମନ୍ତ୍ରୀଙ୍କ



କାର୍ଯ୍ୟାଳୟ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଉଚ୍ଚ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରେରଣ କରିଛନ୍ତି।

ପ୍ରମୋଦ ହେମ୍ବ୍ରମଙ୍କ ଅଭିଯୋଗ ଅନୁଯାୟୀ, ଜୁନ୍ ୫ ତାରିଖରେ ଦୁଇଟି ଜେସିବି ମେସିନ୍ ଦ୍ୱାରା ପୂର୍ବରୁ କଟାଯାଇଥିବା ଗଛର ମୂଳ ଉପୁଡ଼ାଯିବା ନୂତନ ଗଛ କଟା କରାଯାଇଥିଲା। ତେବେ ବର୍ଷା ପରେ ସମସ୍ତ ଗଛ ମୂଳ ଗଣ୍ଡିରୁ ପୁଣି କୁଆଁ କହଁଳୁଥିଲା। ବିଶ୍ୱ ପରିବେଶ ଦିବସ ୫ ତାରିଖ ଓ ଆଜି ୬ ତାରିଖରେ ତିନୋଟି ଜେସିବି ମେସିନ୍ ସ୍ଥଳରେ କାମ କରୁଥିବା ଦେଖାଯାଇଛି। ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ସମସ୍ତ ଗଛ ଗଣ୍ଡି ଉପାଡ଼ି ମାଟି ସମତଳ କରାଯାଉଛି। ଏନ୍‌ଜିଟି ଓରିଜିନାଲ ଆପ୍ଲିକେସନ୍ ନମ୍ବର ୨୧୩/୨୦୨୫ରେ ଏହି ମାମଲାର ଶୁଣାଣି ଚାଲିଛି। ମାର୍ଚ୍ଚ ୩୦ ତାରିଖରେ ଶୁଣାଣି ହୋଇ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ କରିବାକୁ ସମୟ ଦିଆଯାଇଥିଲା। ପରବର୍ତ୍ତୀ ଶୁଣାଣି ଜୁଲାଇ ୭ ତାରିଖରେ ନିର୍ଦ୍ଧାରିତ ରହିଛି। ଏହି ସମୟ ମଧ୍ୟରେ ଏପରି କାର୍ଯ୍ୟକଳାପ ଜାରି ରହିବା ଏନ୍‌ଜିଟି ନିର୍ଦ୍ଦେଶର ସ୍ପଷ୍ଟ ଉଲ୍ଲଙ୍ଘନ ବୋଲି ଅଭିଯୋଗରେ ଶ୍ରୀ ହେମ୍ବ୍ରମ ଦର୍ଶାଇଛନ୍ତି। ଅଭିଯୋଗକାରୀ ଜେସିବି ମେସିନ୍ କାମ କରୁଥିବା ସ୍ଥଳର ଫଟୋ ପ୍ରଦାନ କରିଛନ୍ତି। ଫଟୋରେ ସ୍ପଷ୍ଟ ଭାବେ ଦୁଇଟି ଜେସିବି ଓ ଉପୁଡ଼ା ଯାଇଥିବା ଗଛ ମୂଳ ଦେଖାଯାଉଛି। ଅଭିଯୋଗକାରୀ ଶ୍ରୀ ହେମ୍ବ୍ରମ୍ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି ଯେ, ଏନ୍‌ଜିଟି ଶୁଣାଣି ପୂର୍ବରୁ ଏହି କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରିବା ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏହି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ପରିବେଶପ୍ରେମୀ ଏହାକୁ ଗମ୍ଭୀର ପରିବେଶ ଅପରାଧ ବୋଲି କହୁଛନ୍ତି। ଜିଲ୍ଲା ପ୍ରଶାସନ ଓ ବନ ବିଭାଗରୁ ଏ ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ।

### ● ବଲାଣିପଶି ଅଙ୍ଗନବାଡ଼ି ଗୃହ ବିବାଦ

# ପ୍ରଶାସନର ହସ୍ତକ୍ଷେପରେ ସାମୟିକ ସମାଧାନ



ତୁରୁମୁଙ୍ଗା, ୬।୬(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ସିଲିପଦା ପଞ୍ଚାୟତ ବଲାଣିପଶି ଅଙ୍ଗନବାଡ଼ି ଗୃହ ବିବାଦ ପରେ ଛାତ୍ରଛାତ୍ରୀମାନେ ଗତ ଗୁରୁବାର ଅସହ୍ୟ ଗରମ ଗୁଳୁଗୁଳିରେ ଗଛ ମୂଳରେ ପାଠ ପଢିବା ସହ ଗଛ ତଳେ ଖାଦ୍ୟ ଖାଇଥିଲେ। ଏହାପରେ ଶନିବାର ଗ୍ରାମରେ ପ୍ରଶାସନ ପକ୍ଷରୁ ଏକ ବୈଠକ କରାଯାଇ ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି। ସହକାରୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଦ୍ଧା ଗୋସ୍ୱାମୀ, ସାହାରପଡା ସିଡିପିଓ ଦୀପ୍ତିମୟୀ ନାୟକ, ଅତିରିକ୍ତ ତହସିଲଦାର ଚରଣ ନାଏକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପୂର୍ବାଶା ପ୍ରିୟଦର୍ଶନୀ ପାତ୍ର, ସିଲିପଦା ସରପଞ୍ଚ ଜୟନ୍ତୀ ମୁଣ୍ଡା ଅଙ୍ଗନବାଡ଼ି କର୍ମୀ ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହରେ ଅଙ୍ଗନବାଡ଼ି ଚାଲୁ ରହିବ ବୋଲି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଦ୍ଧା ଗୋସ୍ୱାମୀ କହିଛନ୍ତି। ଉକ୍ତ ଅଙ୍ଗନବାଡି ଗୃହକୁ ନିଜ ପଟ୍ଟା ଜାଗାରେ ଥିବା ଦାବିକରି ଗ୍ରାମର ରମେଶଚନ୍ଦ୍ର ମହାନ୍ତ ଏପ୍ରିଲ ୨୫ ତାରିଖରୁ ଏହି ଗୃହକୁ ତାଲା ପକାଇ ରଖିଥିବା ଅଙ୍ଗନବାଡ଼ି କର୍ମୀ ସୁରେଖା ନାଏକ କହିଛନ୍ତି। ୧୬ ବର୍ଷ ପୂର୍ବରୁ ଅଙ୍ଗନବାଡି ଗୃହ ନିର୍ମାଣ ସମୟରେ ରମେଶଙ୍କ ପରିବାରର ଲୋକଙ୍କୁ ଚାକିରି ଦେବା ଆଶ୍ୱାସନ ମିଳିଥିଲା, କିନ୍ତୁ ସେହି ପ୍ରତିଶ୍ରୁତି ପୂରଣ ନ ହେବାରୁ ସେ ଗୃହକୁ କବଜା କରି ରଖି ସେଠାରେ ସାଇକଲ ମରାମତି କେନ୍ଦ୍ର କରିବା ସହ ନିଜ ପରିବାରକୁ ନେଇ ରହୁଛନ୍ତି।

# ଆଡ଼ଙ୍ଗାପାଳ ନଦୀଶଯ୍ୟାରୁ ୩ ଟ୍ରାକ୍ଟର ଜବତ



ଚମ୍ପୁଆ, ୬।୬(ସମିସ): ଚମ୍ପୁଆ ଅଞ୍ଚଳରେ ଦୀର୍ଘଦିନ ଧରି ଚାଲିଆସୁଥିବା ବେଆଇନ ବାଲି ଚୋରା ଚାଲାଣ ଉପରେ ଚମ୍ପୁଆ ରାଜସ୍ୱ ବିଭାଗ ପକ୍ଷରୁ ଏକ ବଡ଼ ଚଢ଼ଉ କରାଯାଇଛି। ଆଡ଼ଙ୍ଗାପାଳ ନଦୀଶଯ୍ୟାରୁ ବେଆଇନ ଭାବେ ବାଲି ଲୁଟ୍ କରୁଥିବା ସମୟରେ ୩ଟି ବାଲି ଟ୍ରାକ୍ଟରକୁ ଜବତ କରିଛନ୍ତି ଚମ୍ପୁଆ ତହସିଲ୍‌ଦାର ସତ୍ୟବ୍ରତ ସାହୁ। ସୂଚନା ଅନୁଯାୟୀ, ମାଫିଆମାନେ ବିନା ଅନୁମତିରେ ଟ୍ରାକ୍ଟର ଓ ବଡ଼ ଗାଡ଼ି ସାହାଯ୍ୟରେ ବାଲି ଚାଲାଣ କରୁଥିଲେ। ତହସିଲଦାର ନିଜ ଟିମ୍ ସହ ଘଟଣାସ୍ଥଳରେ ହଠାତ ଚଢ଼ଉ କରି ଟ୍ରାକ୍ଟର ଗାଡ଼ିଗୁଡ଼ିକୁ ଜବତ କରିଛନ୍ତି। ପ୍ରଶାସନର ଏହି କଡ଼ା ଆଭିମୁଖ୍ୟ ଯୋଗୁଁ ବେଆଇନ ଖଣିଜ ସମ୍ପଦ ଲୁଟେରାଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ୩ଟି ଟ୍ରାକ୍ଟରକୁ ଜବତ କରି ମାଇନିଙ୍ଗ ଭିବାଗକୁ ହସ୍ତାନ୍ତର କରାଯାଇଥିବା ତହସଲଦାରଙ୍କ ସୂତ୍ରରୁ ପ୍ରକାଶ।

# ଟାୟାର ପାଇଁ ଆମ୍ବୁଲାନ୍ସ ଅଚଳ; ରୋଗୀସେବା ବାଧାପ୍ରାପ୍ତ

ଚମ୍ପୁଆ, ୬।୬(ସମିସ): ରୋଗୀସେବାକୁ ପ୍ରାଥମିକତା ଦେଇ ସରକାର ଡାକ୍ତରଖାନାକୁ ଜରୁରୀ ସେବା ପାଇଁ ଆମ୍ବୁଲାନ୍ସ ଯୋଗାଇ ଦେଇଛନ୍ତି। ମାତ୍ର ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଉକ୍ତ ଆମ୍ବୁଲାନ୍ସ ସେବା ପାଇବାରୁ ରୋଗି ବଞ୍ଚିତ ହେଉଥିବା ଦେଖାଯାଇଛି। ଟାୟାର ନଥିବାରୁ ଆମ୍ବୁଲାନ୍ସ ଡାକ୍ତରଖାନା ପରିସରରେ ପଡ଼ିରହିଛି। ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନା ଏକ ରେଫରାଲ ଡାକ୍ତରଖାନା ଭାବରେ ପରିଚିତ ହୋଇଥିବାବେଳେ ଏହି ଡାକ୍ତରଖାନା ଉପରେ ପଡ଼ୋଶୀ




ଝାଡଖଣ୍ଡ ରାଜ୍ୟ, ମୟୂରଭଞ୍ଜ ଜିଲ୍ଲା ସହ ସ୍ଥାନୀୟ ଅଞ୍ଚଳର ରୋଗୀ ନିର୍ଭର କରିଆସୁଛନ୍ତି। ଜରୁରିକାଳୀନ ସେବା ଯୋଗାଇବା ପାଇଁ ଏହି ଚିକିତ୍ସାଳୟରେ ୨ଟି ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିବା ବେଳେ କିଛି ଦିନ ହେବ ଆମ୍ବୁଲାନ୍ସ ନଂ ଓଡି୦୨ ଡିକେ ୩୧୮୧ ଗାଡିଟି ଟାୟାର ଖରାପ ପାଇଁ ପଡିରହିଛି। ଫଳରେ ଗୋଟିଏ ଗାଡିରେ ସେବା ଦିଆଯାଉଥିବା ବେଳେ ଅନେକ ସମୟରେ ରୋଗୀସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ଦାୟିତ୍ୱରେ ଥିବା ସୁବ୍ରତ କୁମାରଙ୍କୁ ପଚାରିବାରୁ ଦିନେ କିମ୍ବା ୨ ଦିନ ଭିତରେ ଟାୟାର ଲଗାଯାଇ ସେବା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

# ବଜ୍ରାଘାତରେ ଦିବ୍ୟାଙ୍ଗ ଯୁବତୀଙ୍କ ମୃତ୍ୟୁ

ବେତନଟୀ, ୬।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ବିଦୁକୁଡ଼ିଆ ଗ୍ରାମରେ ଗତକାଲି ଅପରାହ୍ନରେ କାଳବୈଶାଖୀ ବର୍ଷା ସମୟରେ ବଜ୍ରାଘାତରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ବିଦୁକୁଡ଼ିଆ ଗ୍ରାମର ସ୍ୱର୍ଗତ ବଂଶୀଧର ପାତ୍ରଙ୍କ କନ୍ୟା ଝୁନୁ ପାତ୍ର (୩୭)। ଝୁନୁ ମୂକ ଓ ବଧିର ଥିଲେ। ଗତକାଲି ଅପରାହ୍ନ ପ୍ରାୟ ସାଢ଼େ ଚାରିଟା ସମୟରେ ଗ୍ରାମରେ ହଠାତ୍ କାଳବୈଶାଖୀ ଆରମ୍ଭ ହୋଇ ଘନଘନ ବଜ୍ରପାତ ହୋଇଥିଲା। ଘର ବାହାରେ



ଚରୁଥିବା ଗାଈକୁ ଆଣିବା ପାଇଁ ଝୁନୁ ବାହାରକୁ ଯାଇଥିଲେ। ସେ ସମୟରେ ବଜ୍ରାଘାତର ଶିକାର ହୋଇ ସେ ତଳେ ପଡ଼ିଯାଇଥିଲେ। ଭାଇ ଲମ୍ବୋଦର ପାତ୍ର ଆସି ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୈଶିଙ୍ଗା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗ୍ରାମବାସୀ ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଏପରି ଅକାଳ ମୃତ୍ୟୁ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳାଇ ଦେଇଛି।

# ହାଇୱା ଧକ୍କାରେ ଯୁବକ ମୃତ

ଯୋଡ଼ା, ୬।୬(ସମିସ): କେନ୍ଦୁଝର ଜିଲ୍ଲା ୫୨୦ ନମ୍ବର ଜାତୀୟ ରାଜପଥ ରୁଗୁଡି ଥାନା ଅନ୍ତର୍ଗତ ଗନ୍ଧଲପଦା ନିକଟରେ ଶନିବାର ମଟର ସାଇକଲରେ ଯାଉଥିବା ବେଳେ ଏକ ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଡ଼ବିଲ ପଞ୍ଜାବିପଡ଼ାସ୍ଥିତ ଗୁରୁଦେବ ସିଂଙ୍କ ପୁତ୍ର ଆମ୍ରିତ୍ ପାଲ୍ ସିଂ। ଆମ୍ରିତ୍ କୋଇଡ଼ା ଅଭିମୁଖେ ଯାଉଥିବା ବେଳେ ପ୍ରାୟ ୧୨ଟା ସମୟରେ (ଓଡି-୦୯-ଜେଡ୍-୫୫୩୬) ନମ୍ବର ଏକ ହାଇୱା ବେପରୁଆ ଢ଼ଙ୍ଗରେ ଗାଡ଼ି ଚାଳନା କରି ମୋଟର ସାଇକଲଟିକୁ ପଛପଟୁ ଧକ୍କା ଦେଇ ଚଢ଼ିଯାଇଥିଲା। ଯୁବକ ଜଣକ ଗୁରୁତର ଆହତ ହୋଇଥିଲେ। ରୁଗୁଡ଼ି ପୁଲିସ୍ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଆମ୍ରିତ୍‌ଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି।

# ପରିବେଶ ପ୍ରେମରେ ଅବସରପ୍ରାପ୍ତ ଶିକ୍ଷକ



ଉଦଳା/ଖୁଣ୍ଟା, ୬।୬(ସମିସ): ଅବସରପ୍ରାପ୍ତ ଶିକ୍ଷକ ଦୁଲାରାମ ହାଁସଦାଙ୍କ ନିଆରା ନିଶା। ପରିବେଶ ପାଇଁ ନିଜେ ଗଛ ଲଗାଇବା ସହ ଅନ୍ୟମାନଙ୍କୁ ଗଛ ଲଗାଇବା ପାଇଁ ଦେଉଛନ୍ତି ପରାମର୍ଶ। ଶହ ଶହ ଗଛ ଲଗାଇ ଆଜି ସେ ଗଛ ମଣିଷ ଭାବେ ପରିଚିତ। ନିଜେ ଗଛ ଲଗାଇବା ସହ ଅନ୍ୟମାନଙ୍କୁ ଗଛ ଲଗାଇବାକୁ ପ୍ରବର୍ତ୍ତାଉଛନ୍ତି। ଗଛ ରହିଲେ ପରିବେଶ ସୁସ୍ଥ ରହିବ ଓ ଜୀବଜଗତ ସୁସ୍ଥ ରହିବେ ବୋଲି ବାର୍ତ୍ତା ଦେଇଆସୁଛନ୍ତି। ଗଛ ପ୍ରେମରେ ପାଗଳ ଦୁଲାରାମ। ଘର ହେଉ କି ସ୍କୁଲ ହେଉ ବିଭିନ୍ନ ସ୍ଥାନରେ ଗଛ ଲଗାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ ଗଡିଗାଁ ଗ୍ରାମର ଏ ହେଉଛନ୍ତି ଦୁଲାରାମ ହାଁସଦା। ଦୁଲାରାମ ସାର୍ ଜଣେ ସରଳ ମଣିଷ ଭାବେ ଜୀବନ ଅତିବାହିତ କରୁଥିବାବେଳେ ଗଛ ଲଗାଇବା ତାଙ୍କ ପାଇଁ ନିଶା ପାଲଟିଯାଇଛି। ଦୁଲାରାମ ଶିକ୍ଷକ ଭାବେ ଅବସର ଗ୍ରହଣ କରିଛନ୍ତି। ଚାକିରି ସମୟରୁ ସେ ବିଭିନ୍ନ ସ୍ଥାନରେ ଗଛ ଲଗାଇବା ସହ ପରିବେଶ କିପରି ସୁସ୍ଥ ରହିବ ସେଥିପାଇଁ ସମସ୍ତଙ୍କୁ ଦେଇଥାନ୍ତି ପରାମର୍ଶ। ଭିନ୍ନ ଚିନ୍ତାଧାରା ତାଙ୍କୁ ସାମାଜ ପାଇଁ ଦେଉଛି ଭିନ୍ନ ପରିଚୟ। ପରିବେଶ ସୁସ୍ଥ ରହିଲେ ଜୀବଜଗତ ସୁସ୍ଥ ରହିବେ। ଏହାର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି।

# ଉଦଳା ରୋଟାରୀ କ୍ଲବ୍ ବୈଠକ




ଉଦଳା, ୬।୬(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉଦଳା ରୋଟାରିଆନଙ୍କ ବୈଠକ ସନ୍ଧାନ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ମଧୁସ୍ମିତା ତ୍ରିପାଠୀ ଯୋଗ ଦେଇଥିଲେ। ୨୨୦ଟି ଦେଶରେ ରୋଟାରୀ କ୍ଲବ୍ ୫୦୦୦ ଜିଲ୍ଲାରେ ସମାଜର ବହୁବିଧ ସେବା ଓ ସଚେତନତା ବାର୍ତ୍ତା ସହିତ ଗଠନମୂଳକ କାର୍ଯ୍ୟକ୍ରମ ହାତକୁ ନେଇ ପୃଥିବୀରେ ଖ୍ୟାତି ଅର୍ଜନ କରିଛି। ଉଦଳାରେ ରୋଟାରୀ କ୍ଲବ୍ ପକ୍ଷରୁ ଡାଇଗୋନିଷ୍ଟ ସେଣ୍ଟର, ପାରା ମେଡିକାଲ ପାଠ୍ୟକ୍ରମ, ଦୁର୍ଗମ ଅଞ୍ଚଳରେ ରୋଗୀସେବା ପାଇଁ ବାଇକ୍ ଆମ୍ବୁଲାନ୍ସ, ୧ ଏକର ୩୦ ଡିସିମିଲ ଜମିରେ ବୃଦ୍ଧାଶ୍ରମ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଚଳିତ ବର୍ଷ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦନ କରାଯାଇଛି। ଉତ୍ତମ ଶିକ୍ଷାଦାନ ଦେଉଥିବା ଶିକ୍ଷକଙ୍କୁ ସମ୍ମାନୀତ କରାଯାଇଛି। ବୃକ୍ଷରୋପଣ, ବିଶୁଦ୍ଧ ପାନୀୟଜଳ ଉଦଳାର ବସ୍‌ଷ୍ଟାଣ୍ଡ ଓ ଉଦଳା ଥାନା ସମ୍ମୁଖରେ ପ୍ରଦାନ କରାଯାଇଛି। ଏଭଳି ଆଗକୁ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସମ୍ପାଦକ ସୁଦର୍ଶନ ପ୍ରଧାନ ମତବ୍ୟକ୍ତ କରିଥିଲେ। ବୃଦ୍ଧାଶ୍ରମ ପାଇଁ ଇଂ ସୁବାସ ପଣ୍ଡା ନିଜ ଜମି ବୃଦ୍ଧାଶ୍ରମକୁ ପ୍ରଦାନ କରିଛନ୍ତି। ବହୁ ସଂଖ୍ୟକ ମହିଳାଙ୍କୁ ଉଦଳା ରୋଟାରୀ କ୍ଲବରେ ସାମିଲ ପାଇଁ ଉତ୍ସବର ଅତିଥି ମଧୁସ୍ମିତା ତ୍ରିପାଠୀ ମତବ୍ୟକ୍ତ କରିଥିଲେ।

### ଆଖଡ଼ାଶାଳ ଗ୍ରାମକୁ ନାହିଁ ସରକାରୀ ରାସ୍ତା

# ଗାଁଲୋକ ଓ ସମାଜସେବୀ ମିଶି କଲେ ରାସ୍ତା

କଳାବାଡ଼ିଆ, ୬।୬(ସମିସ): ବାଙ୍ଗିରିପୋଷି ବ୍ଲକ୍ କଳାବାଡ଼ିଆ ପଞ୍ଚାୟତ ଆଖଡ଼ାଶାଳ ଗ୍ରାମରେ ୩୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଏହି ପରିବାର ମୌଳିକ ସୁବିଧାରୁ ବଞ୍ଚିତ। ୧୦୦ରୁ ଊର୍ଦ୍ଧ୍ୱ ଗାଁ ଲୋକ ଦିନମଜୁରୀ କରି ପରିବାର ପ୍ରତିପୋଷଣ କରନ୍ତି। ଗାଁକୁ ଯିବା ପାଇଁ ସରକାରୀ ରାସ୍ତା ନାହିଁ। ଗାଁ ପାଖ ଦେଇଯାଇଥିବା ସୁବର୍ଣ୍ଣରେଖା ଶାଖା କେନାଲ ଆଡି ମୁଖ୍ୟ ରାସ୍ତା। କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଏହି ମାଟି ରାସ୍ତା ଖାଲଢିପରେ ଭର୍ତ୍ତି ହୋଇରହିଥିଲା। ବର୍ଷାଦିନେ ଗାଁର ଛାତ୍ରଛାତ୍ରୀ, ମହିଳାଙ୍କ ସହିତ ଜନସାଧାରଣ ନାହିଁ ନ ଥିବା କଷ୍ଟ ଭୋଗୁଥିଲେ। ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି ଶୁଣୁଥିଲେ। ଜଗନ୍ନାଥ ଖୁଣ୍ଟା ଗ୍ରାମର ସମାଜସେବୀ ସନ୍ତୋଷ କଲିଆଙ୍କୁ ଅନୁରୋଧ କରିବାରୁ ସେ ସହାୟତାର ହାତ ବଢ଼ାଇଛନ୍ତି। ମେସିନ ଓ ଟ୍ରାକ୍ଟର ସାହାଯ୍ୟରେ କେନାଲ ରାସ୍ତାରେ ମୁରୁମ ପକାଇଲା ପରେ ଗାଁ ଲୋକ ଶ୍ରମଦାନ କରି ରାସ୍ତାକୁ ତିଆରି କରିଛନ୍ତି। ଶ୍ରୀ କଲିଆଙ୍କୁ ଜନସାଧାରଣ ଧନ୍ୟବାଦ ଜଣାଇବା ସହିତ ଗାଁଠାରୁ



ଅଙ୍ଗନବାଡ଼ି, ବିଦ୍ୟାଳୟ ଏକ କିଲୋମିଟରରୁ ଊର୍ଦ୍ଧ୍ୱ ହେଉଥିବାବେଳେ ପ୍ରତ୍ୟେକ ଦିନ ଗାଁର ଛାତ୍ରଛାତ୍ରୀ ଜାତୀୟ ରାଜପଥ ୧୮ର କଳାବାଡିଆ-ଝାରପୋଖରିଆ ରାସ୍ତା ବିପଦପୂର୍ଣ୍ଣ ଭାବେ ଅତିକ୍ରମ କରି ଯାଇଥା'ନ୍ତି। ଗାଁରେ ଏକ ଅଙ୍ଗନବାଡି ଖୋଲିବାକୁ ଗାଁର କଟିଆ ସିଂ, କାଳିଆ ସିଂ, ବାବୁ ସିଂ, ପକ୍ଷୀ ସିଂ, ଟିକିନା ବିନ୍ଧାଣି ଦାବି କରିଛନ୍ତି।

# ଅବ୍ୟବସ୍ଥା ଘେରରେ ଠାକୁରମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ

ମହୁଲଡିହା, ୬।୬(ସମିସ):

ସରକାର ବଦଳିବା ପରେ ସାଧାରଣ ଲୋକଙ୍କ ଧାରଣା ଅନେକ କିଛି ପରିବର୍ତ୍ତନ ହେବ। ବିକାଶର ଧାରା ଆହୁରି ଅଧିକ ତ୍ୱରାନ୍ୱିତ ହେବ। ଦୁଇବର୍ଷ ପୂର୍ବେ ତଳ ସ୍ତରରେ ଯାହା ବିକାଶ ହୋଇଥିଲା, ସେଥିରେ ବିଶେଷ କିଛି ପରିବର୍ତ୍ତନ ଦେଖି ମିଳୁନି। ବରଂ ବିଭିନ୍ନ କାରଣରୁ ପ୍ରଗତି ଆଗକୁ ନ ଯାଇ ଠପ ହୋଇଯାଇଥିବା କୁହାଯାଉଛି। ଠାକୁରମୁଣ୍ଡା ବ୍ଲକ ପରିସରରେ ସୁଦ୍ଧା ପରିବର୍ତ୍ତନ ଆସିପାରୁନାହିଁ। ସଂପ୍ରତି ରୌଦ୍ରତାପରେ ପାଣି ମୁନ୍ଦେ ମିଳୁନି। ଥଣ୍ଡା ପାନୀୟଜଳ ବ୍ୟବସ୍ଥା ହୋଇଛି ସତ, ତାହା କାର୍ଯ୍ୟକାରୀ ହୋଇପାରୁନି। କେବଳ ଯେ ପାଣି ସମସ୍ୟା ସେ କଥା ନୁହେଁ, ଶୌଚାଳୟଟିଏ ନାହିଁ। ସ୍ୱଚ୍ଛ ଭାରତର ଡିଣ୍ଡିମ ପିଟୁଥିବା ସରକାର ଏଯାବତ ଖୋଲା ସ୍ଥାନରେ ବ୍ଲକ ପରିସରରେ ମହିଳା, ପୁରୁଷ ପରିସ୍ରା କରୁଛନ୍ତି। ଲକ୍ଷ




ଲକ୍ଷ ଟଙ୍କା ବ୍ୟୟରେ ବ୍ଲକ୍ ପରିସରରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଘରେ ରହିଛି ବ୍ଲକର ସଭା ଗୃହ। ସଭା ଗୃହ ପାଇଁ ନିର୍ମିତ ଶୌଚାଳୟ ବ୍ୟବହାରଯୋଗ୍ୟ ନୁହେଁ। ସେହିପରି ସଭାଗୃହରେ ଲାଗିଥିବା ଏସି କାମ କରୁ ନ ଥିବାବେଳେ ଲାଗିଥିବା ସାଉଣ୍ଡ ବ୍ୟବସ୍ଥା ଅଚଳ। ଏଥିପାଇଁ ଥିବା ସ୍ୱତନ୍ତ୍ର ଡିଜି ପ୍ରାୟ ବର୍ଷାଧିକ କାଳ ହେଲା ଅଚଳ ପଡ଼ିଛି। ସେହି ଗୃହରେ ଅନ୍ୟ କୋଠରୀରେ ମନରେଗା କର୍ମଚାରୀ ବସି କାମ କରନ୍ତି। ବିଦ୍ୟୁତ ଚାଲିଗଲେ ବିକଳ୍ପ ଭାବେ ଇନଭର୍ଟର ରହିଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ତାହା କାମ କରୁନାହିଁ।

ନିକଟରେ ବ୍ଲକ ସଭାଗୃହରେ ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତୀୟ ସ୍ୱେଚ୍ଛାସେବୀଙ୍କ ୭ ଦିନିଆ ତାଲିମ ଅନୁଷ୍ଠିତ ହୋଇଥିଲା। ସମସ୍ତେ ପାଣି, ଶୌଚାଳୟ ଓ ଗରମ କାରଣରୁ ଅକଥନୀୟ ଦୁର୍ଦ୍ଦଶାର ଶିକାର ହୋଇଥିବା କହିଛନ୍ତି। ବ୍ଲକ ପରିସରରେ ରହିଛି ତହସିଲ, କୃଷି, ମତ୍ସ୍ୟ, ଆଇସିଡିଏସ, କୋର୍ଟ ଆଦି ବହୁ କାର୍ଯ୍ୟାଳୟ। ଦୈନିକ ଶହ ଶହ ଲୋକ ନିଜର କାମ ପାଇଁ ଆସୁଥିଲେ ମଧ୍ୟ ସର୍ବନିମ୍ନ ସୁବିଧା ଯୋଗାଇ ପାରୁନି ପ୍ରଶାସନ। ନୂଆ ସରକାରରେ ଏହା ନୂଆ ଉପଲବ୍ଧି ବୋଲି କହୁଛନ୍ତି ଲୋକ। ପ୍ରଶାସନ ଏଠାରେ ଏକପ୍ରକାର ସ୍ଥାଣୁ ଅବସ୍ଥାକୁ ଆସିଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବ୍ଲକ ବିଜେଡି ସଭାପତି ଚନ୍ଦ୍ରଶେଖର ପଣ୍ଡା କହିଛନ୍ତି, ବର୍ତ୍ତମାନ ପ୍ରଶାସନ ଥିବା ଭଳି ଅନୁଭବ ହେଉନାହିଁ। ମନମୁଖୀରେ ଶାସନ ଚାଲିଛି। କେବଳ ଉଦଘାଟନ ହେଉଛି, ତା'ପରେ ସବୁ ଅଚଳ। ବିଚିତ୍ର ସ୍ଥିତି ବ୍ଲକରେ। କାମ କ୍ଷେତ୍ରରେ ମଧ୍ୟ ପ୍ରଶାସନର ନିୟନ୍ତ୍ରଣ ନାହିଁ ବୋଲି ସମାଲୋଚନା କରିଛନ୍ତି। ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଜବାମଣୀ ଟୁଡୁ କହିଛନ୍ତି, ସରକାରୀ ଅପାରଗତା କାରଣରୁ ତଳ ସ୍ତରରେ ସ୍ଥାଣୁତା ଆସିଯାଇଛି। ଠାକୁରମୁଣ୍ଡା ବ୍ଲକରେ ଆମ ଅବସ୍ଥା ଦୟନୀୟ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା କରଞ୍ଜିଆ ବିଧାୟକ ଠାକୁରମୁଣ୍ଡା ବ୍ଲକର। ଏହାସତ୍ତ୍ୱେ ସ୍ଥିତି ଚିନ୍ତାଜନକ। ବ୍ଲକ୍ କଂଗ୍ରେସ ସଭାପତି ରବୀନ୍ଦ୍ର ତ୍ରିପାଠୀ କହିଛନ୍ତି, ୨୪ ବର୍ଷ ସରକାରଙ୍କୁ ପ୍ରତ୍ୟଖ୍ୟାନ କରି ଲୋକେ ଅନେକ କିଛି ଆଶା କରିଥିଲେ। ମାତ୍ର ଦୁଇ ବର୍ଷରେ କୌଣସି ସଫଳତା ମିଳିପାରିଲାନାହିଁ। ପ୍ରଶାସନ ବ୍ୟବସ୍ଥାକୁ ଚାଲୁ ରଖିବାରେ ମଧ୍ୟ ସରକାର ବିଫଳ ହୋଇଛି।

